# Akashvani, Sambalpur

# SAMBALPURI NEWS BULLETIN

## 23 December 2024- 6.47- 6.52 am.

*****************************************

ପ୍ରଧାନ୍‌ମନ୍ତ୍ରୀ- ନିଯୁକ୍ତି ପତ୍ର          I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ଥି ୭୧ ହଜାର୍‌ନୁ ଅଏତ୍‌କା ନୂଆଁକରି ନିଯୁକ୍ତି ପାଇଥିବା ଯୁଆନ୍ ପିଲା ଟୁକେଲ୍ ମାନ୍‌କୁ ଆଭାସୀ ଜରିଏ ନିଯୁକ୍ତି ପତ୍ର ବାଂଟ୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ନବନିଯୁକ୍ତ ମାନ୍‌କୁ ସମ୍ବୋଧନ୍ କର୍‌ବେ । ଦେଶର୍ ୪୫ ଟା ଜାଗା ନ ନିଯୁକ୍ତିମେଳା ହେବା । ନୂଆଁକରି ନିଯୁକ୍ତି ପାଇଥିବା ଯୁଆନ୍ ପିଲାଟୁକେଲ୍‌ମାନେ କେନ୍ଦ୍ର ଗୃହ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବାଗିର୍ ବିଭାଗ୍‌ଥି ନିଯୁକ୍ତି ପାଏବେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି       ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ଆଏଜ୍ ହେବାର୍‌କେ ଥିବା ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର ସର୍‌କାରୀ କାର୍ଯ୍ୟସୂଚୀକେ ନଜର୍‌ଥି ରଖିକରି ଇତାକେ ବନ୍ଦ୍ ରଖାଯାଇଛେ ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଚାଷୀ- ଟୋଲ୍‌ଫ୍ରି ନମ୍ବର୍        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ଧାନ୍ ସଂଗ୍ରହ ପ୍ରକ୍ରିୟାଥି ଚାଷୀମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଲାଗି ଗୁଟେ ଟୋଲ୍‌ଫ୍ରି ନମ୍ବର୍ ଜାରି କରିଛନ୍ । ଟୋଲ୍‌ଫ୍ରି ନମ୍ବର୍ ୧୯୬୭ଥି ଫୋନ୍ କରିକରି ଚାଷୀମାନେ ସେମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ କରିପାର୍‌ବେ ବଲି ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଚାଷୀମାନ୍‌କର୍ ପଞ୍ଜିକରଣ୍, ସର୍ବନିମ୍ନ ସହାୟକ ମୂଲ୍ୟପ୍ରାପ୍ତି, ଧାନ୍‌ଘିନା, ଇନ୍‌ପୁଟ୍ ସହାୟତା ରାଶି, ଅଗ୍ରୀମ ଟୋକନ୍ ବାଗିର୍ ଭିନ୍ ଭିନ୍ ବିଷେଥି ଇ ଟୋଲ୍‌ଫ୍ରି ନମ୍ବର୍ ଜରିଏ ଚାଷୀମାନେ ଜାନିପାର୍‌ବେ ।

ଶ୍ରୀମନ୍ଦିର୍ -ଧାଡ଼ିଦର୍ଶନ ହି.ସ.

ପୁରୀ ଶ୍ରୀମନ୍ଦିର୍ ନ ନୂଆଁବଛରନୁ ମାହାପୁରୁମାନ୍‌କର୍ ଧାଡ଼ିଦର୍ଶନ୍ ମୁଲ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ସହେତେ ଇ ବାବ୍‌ଦେ ସମୀକ୍ଷା କର୍‌ବାର୍ ଉତ୍‌ରୁ ସେ କହିଛନ୍ ଆଏବା ୩୦ ଆର୍ ୩୧ ତାରିଖ୍‌ଥି ପରୀକ୍ଷାମୂଲକ୍ ଭାବେ ଧାଡ଼ି ଦର୍ଶନ୍ ମୁଲ୍ କରାଯିବା ଆର୍ ଜାନୁଆରୀ ୧ ତାରିଖ୍‌ନୁ ଭକ୍ତମାନେ ସବୁଦିନିଆ ଧାଡ଼ିଦର୍ଶନ୍ କରିପାର୍‌ବେ । ଇତାର୍‌ଉତ୍‌ରୁ ଘଂଟି ଦ୍ୱାର ଆର୍ ଗାରଦ ଦ୍ୱାର ଦେଇକରି ବାହାରିବାର୍ ବ୍ୟବସ୍ଥା କରାଯାଇଛେ ।

ଭାରତ୍ ପର୍ବ-ଓଡ଼ିଶାର୍ ପ୍ରଜ୍ଞାପନ୍ ମେଢ଼ ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀ ନ ଆଏବା ଜାନୁଆରୀ ମାସେ ହେବାର୍‌କେ ଯାଉଥିବା ଭାରତ୍ ପର୍ବ -୨୦୨୫ ଥି ଓଡ଼ିଶାର୍ ପ୍ରଜ୍ଞାପନ୍ ମେଢ଼ ସାମିଲ୍ ହେବା ବଲି ସୂଚ୍‌ନା ମିଲିଛେ । ‘ସ୍ୱର୍ଣ୍ଣିମ ଭାରତରେ ହସ୍ତତନ୍ତ ଓ ବୟନର ଐତିହ୍ୟ ଓ ବିକାଶ’ ବିଷୟବସ୍ତୁ ଉପ୍‌ରେ ଆଧାରିତ୍

ଓଡ଼ିଶାର୍ ଇ ପ୍ରଜ୍ଞାପନ୍ ମେଢ଼ ରାଜ୍ୟର୍ ପ୍ରାଚୀନ୍ ଐତିହ୍ୟକେ ଦର୍ଶଉଛେ ।

ଓଡ଼ିଶା ସୋଲାର୍ ଇନ୍‌ଭେଷ୍ଟର୍ କନ୍‌କ୍ଲେଭ I&PR

ଭୁବ୍‌ନେଶ୍ୱର୍ ଆଏଜ୍ ସଖାଲ୍‌ବେଲା ଓଡ଼ିଶା ସୋଲାର୍ ଇନ୍‌ଭେଷ୍ଟର୍ କନ୍‌କ୍ଲେଭ୍-୨୦୨୪ ହେବାର୍‌କେ ଯାଉଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବେ ।

+୨ ଇଂଟର୍‌ନାଲ୍ ପରୀକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ଦ୍ୱାରା ପରିଚାଲିତ୍ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆର୍ ଧନ୍ଦାମୂଲକ୍ ପାଠ୍ୟକ୍ରମ୍‌ର ଇଂଟର୍‌ନାଲ୍ ଏସେସ୍‌ମେଂଟ୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଉଛେ । ଇଟା ଡିସେମ୍ବର୍ ୩୦ ତାରିଖ୍‌ତକ୍ ଚାଲ୍‌ବା । ସବୁ ପରୀକ୍ଷା କେନ୍ଦ୍ରମାନ୍‌କେ ସିସିଟିଭି ବାଧ୍ୟତାମୂଲକ୍ କରାଯାଇଛେ । ପରୀକ୍ଷା ଠିକ୍ ଭାବେ ପରିଚାଲନା ଲାଗି ବ୍ୟାପକ୍ ସୁରକ୍ଷା

ବ୍ୟବସ୍ଥା କର୍‌ବାର୍‌କେ ବିଦ୍ୟାଳୟର୍ ଅଧକ୍ଷ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜିଏମ୍‌ୟୁ- ଆର୍ଟଗେଲେରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ୟୁଟିଲିଟି କେନ୍ଦ୍ର ଠାନେ ନୂଆଁକରି ବନା ହେଇଥିବା ଆର୍ଟ ଗେଲେରୀ ଆର୍ ଆଲୁମିନି କନେକ୍ଟ ହଲ୍ ଲୋକାର୍ପିତ୍ ହେଇଛେ । ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଏନ୍. ନାଗାରାଜୁଙ୍କର୍ ଉପସ୍ଥିତିଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଇତାକେ ଲୋକାର୍ପଣ୍ କରିଛନ୍ । ଇ ଉଧେ ଶ୍ରୀ ପୂଜାରୀ କହିଛନ୍ ଯେ, ରାଜ୍ୟର୍ ସବୁ ବିଶ୍ୱବିଦ୍ୟାଳୟମାନ୍‌କେ ଇ ଗେଲେରୀ ଚିତ୍ରକଳାର ଅବଦାନ୍ ଦିଗେ ମୁଖିଆ ଭୂମିକା ନେବା ।

ଜାତୀୟ ନାଟକ୍ ମହୋତ୍ସବ-କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍‌ହଲ୍ ଠାନେ ସ୍ମାରକୀ ନାଟ୍ୟସଂସ୍ଥା ତର୍‌ଫୁ ନାଟ୍ୟ ରଶ୍ମୀ ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ୍ ମହୋତ୍ସବ୍ -୨୦୨୪ ଉଦ୍‌ଘାଟିତ୍ ହେଇଯାଇଛେ ।

ଉଦ୍‌ଘାଟନୀ ସନ୍ଧ୍ୟାର୍ ପହେଲା ଖେପେ ନାଟକ୍ ଅର୍ଦ୍ଧବାକ୍ୟ ପରିବେଷିତ୍ ହେଇଥିଲା । ଦୁଇ ନମ୍ବର୍ ଖେପେ ସ୍ମାରକୀ ନାଟ୍ୟ ସଂସ୍ଥା ତର୍‌ଫୁ ନାଟକ୍ ଜୟଯାତ୍ରା ପରିବେଷିତ୍ ହେଇଥିଲା ।

ଗୋନାସିକା ମହୋତ୍ସବ I&PR

କେନ୍ଦୁଝର୍‌ର ପ୍ରସିଦ୍ଧ ଗୋନାସିକା ମହୋତ୍ସବ୍ ମହିଳାମାନ୍‌କର୍ ବିକାଶ୍‌କେ ତହଁକଉଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗୋନାସିକା ଉତ୍ସବ୍‌ର ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ଥି ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ମହୋତ୍ସବ୍‌ଥି ମିଶନ୍ ଶକ୍ତିର୍ ମା ମାନ୍‌କୁ ତାକର୍ ହାତ୍ ତିଆରି ଜିନିଷ୍ ବିକ୍‌ବାର୍ ଲାଗି ବଜାର୍ ମିଲିଛେ । ବଜାର୍‌ଥି ଗଲାକାଏଲ୍‌ତକ୍ ମହିଳାମାନେ ୭୫ ଲାଖ୍ ଟଙ୍କାର୍ ବେପାର୍ କରିଛନ୍ । ଆଏବା ୨୭ ତାରିଖ୍ ଭିତ୍‌ରେ ୩ କୋଟି ଟଙ୍କାର୍ ବେପାର୍ ହେବାର୍ ଅନୁମାନ୍ କରାଯାଉଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଖଡ଼ିଆଲ୍ ମହୋତ୍ସବ ନୂଆପଡ଼ା ସମ୍ବାଦଦାତା

୧୯ ନମ୍ବର୍ ଖଡ଼ିଆଲ୍ ମହୋତ୍ସବ୍ ଆଏବା ଫେବୃଆରୀ ୩ ନୁ ୭ ତାରିଖ୍‌ତକ୍ ସହରର୍ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆଠାନେ ହେବାର୍‌କେ ଯାଉଛେ । ମହୋତ୍ସବ୍ ଲାଗି ଗଲାକାଏଲ୍ ଶୁଭଖମ୍ ଥାପ୍‌ନା ହେଇଛେ । ମହୋତ୍ସବ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରୁ ବହୁତ୍ ସାଂସ୍କୃତିକ୍ ଦଲ୍ ଯୋଗ୍ ଦେବେ ।

ପାଣିପାଗ                ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ବଲେ ଆଏବା ୨୪ ତାରିଖ୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ଗଲା ଲଘୁଚାପ୍ ଜନିତ ବର୍ଷାର୍ ପ୍ରଭାବ୍‌ଥି ରାତିର୍ ସବୁନୁ କମ୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ କମ୍‌ବା ବଲି ସୂଚ୍‌ନା ମିଲିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, କେନ୍ଦୁଝର୍, କଲାହାଣ୍ଡି, କନ୍ଧମାଲ୍, କୋରାପୁଟ୍ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।